ଗ୍ରାମୀଣ କୃଷି ମୌସମ ସେବା
ଭାରତୀୟ ପାଣିପାଗ ବିଭାଗ
ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ମହିଷାପାଟ,ଢେଙ୍କାନାଳ – ୭୫୯୦୧୩

**Deepanjali Dugal,**
**Jr. Agrometeorologist**

ସପ୍ତାହ ସଂଖ୍ୟା -୪୬

ବୁଲେଟିନ ନମ୍ବର :୯୦
ତାରିଖ : ୧୪.୧୧.୨୦୨୫
(ଶୁକ୍ରବାର)

## ଢେଙ୍କାନାଳ ଜିଲ୍ଲା (ମଧ କେନ୍ଦ୍ରୀୟ ଅଧତ୍ୟକା ଜଳବାୟୁ ମଣ୍ଡଳ)

### ଗତ ସପ୍ତାହର ପାଣିପାଗ ସମ୍ବନ୍ଧୀୟ ସୂଚନା (୦୮.୧୧.୨୦୨୫ ରୁ ୧୪.୧୧.୨୦୨୫)

| | |
|---|---|
| ବୃଷ୍ଟିପାତ (ମି.ମି.) | ୦.୦ |
| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେଲସିୟସ) | ୨୮.୫-୩୧.୧ |
| ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେଲସିୟସ) | ୧୪.୧-୧୯.୮ |

### ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ ଆଗାମୀ ୧୯.୧୧.୨୦୨୫ ତାରିଖ ପର୍ଯ୍ୟନ୍ତ ପାଣିପାଗ ସୂଚନା

| ତାରିଖ | ବୃଷ୍ଟିପାତ (ମି.ମି.) | ତାପମାତ୍ରା (ଡି.ସେ.) | | ସର୍ବମୋଟ ମେଘାଛାନ୍ନତା (ଅକ୍ଟା) | ଆପେକ୍ଷିକ ଆର୍ଦ୍ରତା (%) | | ପବନର ବେଗ (କି.ମି./ଘ.) | ପବନର ଦିଗ |
|---|---|---|---|---|---|---|---|---|
| | | ସର୍ବାଧିକ | ସର୍ବନିମ୍ନ | | ସର୍ବାଧିକ | ସର୍ବନିମ୍ନ | | |
| 15-11-2025 | 0 | 30 | 13 | 1 | 70 | 30 | 5 | 323 |
| 16-11-2025 | 0 | 30 | 13 | 1 | 69 | 31 | 5 | 326 |
| 17-11-2025 | 0 | 30 | 13 | 2 | 69 | 30 | 5 | 334 |
| 18-11-2025 | 0 | 30 | 13 | 2 | 71 | 34 | 6 | 337 |
| 19-11-2025 | 0 | 30 | 13 | 2 | 78 | 41 | 6 | 325 |

**ଆଗାମୀ ୫ ଦିନର ପାଣିପାଗ ସୂଚନା:**

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ ଢେଙ୍କାନାଳ ଜିଲ୍ଲାରେ ଆଗାମୀ ୫ଦିନ ବର୍ଷା ନାହିଁ । ଆକାଶ ମୁଖ୍ୟତଃ ପରିଷ୍କାର ରହିବ । ଆଗାମୀ ୫ଦିନ ପବନ ୦୫-୦୬ କି.ମି. ପ୍ରତି ଘଣ୍ଟା ବେଗରେ ପ୍ରବାହିତ ହେବାର ସୂଚନା ରହିଛି । ସର୍ବୋଚ୍ଚ ତାପମାତ୍ରା ୩୦ ଡି.ସେ. ଓ ସର୍ବନିମ୍ନ ତାପମାତ୍ରା ୧୩ ଡି.ସେ. ରହିବାର ସମ୍ଭାବନା ଅଛି। ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା ୬୯ ରୁ ୭୮ ପ୍ରତିଶତ ମଧ୍ୟରେ ଓ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ୩୦-୪୧ ପ୍ରତିଶତ ମଧ୍ୟରେ ରହିବ ।

**ଚେତାବନୀ:** କୌଣସି ଚେତାବନୀ ନାହିଁ ।

## କୃଷି ସୂଚନ

### ସାଧାରଣ ଉପଦେଶ

- ପୂର୍ବ ୧-୨ ସପ୍ତାହ ଶୁଷ୍କ ପାଗ ଥିବାରୁ ଓ ଆଗାମୀ ୫ ଦିନ ମଧ ଶୁଷ୍କ ପାଗ ଅଛି ତେଣୁ ଚାଷୀ ଭାଇ ମାନେ ପନିପରିବାରେ ସକାଳ ଓ ଉପରବେଳା ଆବଶ୍ୟକ ଜଳସେଚନ କରନ୍ତୁ ।
- ସଅଳ କିସମ ଧାନ କେଣ୍ଡାରେ ଶତକଡା ୮୫ ଭାଗ ପାଚି ଯାଇଥିଲେ ଓ ସୁନେଲି ରଙ୍ଗର ହୋଇଯାଇଥିଲେ କାଟି ନିଅନ୍ତୁ ।ଅମଳ ଧାନକୁ ଟାଣ ଖରାରେ ସୁଖାଇବା ପରେ ସୁରକ୍ଷିତ ସ୍ଥାନରେ ସାଇତି ରଖନ୍ତୁ ।
- ବର୍ତମାନ ପାଗରେ ମୁଗ,ବିରି, ମଟର, ସୋରିଷ ଓ ଚିନାବାଦାମ ଆଦି ରବି ଜାତୀୟ ଫସଲ ଧାନ କାଟିବା ପରେ ବୁଣନ୍ତୁ ।
- ଶୀତ ଦିନିଆ ପନିପରିବା ଲଗାଇବା କାର୍ଯ୍ୟ ଜାରି ରଖନ୍ତୁ ।
- ପନିପରିବା ଚାରା ଅବସ୍ଥାରେ ପଲିଥିନ ଦ୍ଵାରା ଆଛାଦିକରଣ ବ୍ୟବସ୍ଥା କରନ୍ତୁ ଯାହା ମାଟିର ବାଷ୍ପିକରଣ କମାଇବା ସହ ମାଟି ତାପମାତ୍ରା ନିୟନ୍ତ୍ରଣରେ ସହାୟକ ହେବ ।

| ଫସଲ | ଅବସ୍ଥା | ପାଣିପାଗ ଭିତ୍ତିକ କୃଷି ପରାମର୍ଶ |
|---|---|---|
| ଧାନ | କଠିନ ଦାନା ଅବସ୍ଥା | • ଧାନ ଫସଲରେ ଗଳା ମହିଷା ରୋଗ ର ପରିଚାଳନା ପାଇଁ ଏକର ପ୍ରତି ୪୦୦- ମିଲି Hexaconazole ନାମକ ଫିମ୍ପିନାଶକ କିମ୍ବା ୨୦୦- ମିଲି Azoxystrobin ଓ Difenoconazole ର ମିଳିତ ଫିମ୍ପିନାଶକ କିମ୍ବା ୮୦- ଗ୍ରାମ Tebuconazole ଓ Trifloxystrobin ର ମିଳିତ ଫିମ୍ପିନାଶକ ୨୦୦- ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |
| ଆଖୁ | ପାକଳ ଅବସ୍ଥା | • ଆଖୁ ଫସଲରେ କାଡି ପୋକର ଜୈବିକ ଉପାୟରେ ନିୟନ୍ତ୍ରଣ କରିବା ପାଇଁ ଏକ ଏକରକୁ ଗୋଟିଏ ଲେଖାଏଁ Trichogramma chilonis କାର୍ଡ ପ୍ରତି ସପ୍ତାହ ଅନ୍ତରରେ ୬ଥର ବ୍ୟବହାର କରନ୍ତୁ । ରାସାୟନିକ ଉପାୟରେ ଏହି ପୋକର ପରିଚାଳନା ପାଇଁ ଏକ ଏକର ପ୍ରତି ୬୦ଗ୍ରାମ Thiamethoxam କିମ୍ବା ୭୦ ମିଲି Imidacloprid କିମ୍ବା ୬୦ ଗ୍ରାମ Acetamiprid, ୨୦୦ଲିଟର ପାଣିରେ ମିଶାଇ ଜମିରେ ପ୍ରୟୋଗ କରନ୍ତୁ । |

| | | |
|---|---|---|
| ମୁଗ ଓ ବିରି | ବୁଣିବା ପୂର୍ବ ଅବସ୍ଥା | • ଅଧିକ ଅମଳକ୍ଷମ ବିରି କିସମ ଯଥା- ଟି ୯, ପିୟୁ ୧୧, ପିୟୁ ୧୯, ପିୟୁ ୩୦ ଏବଂ ମୁଗ କିସମ ଯଥା- କେ ୮୫୧, ପିଡିଏମ ୧୧, ପିଡିଏମ ୫୪, ଓୟୁଏମ ୧୧୫ ଏକର ପ୍ରତି ୧୦ କେଜି ହିସାବ ରେ ବୁଣନ୍ତୁ । ବିହନ ବୁଣିବା ପୂର୍ବରୁ ରାଇଜୋବିୟମ କଲଚରରେ ବିଶୋଧନ କରନ୍ତୁ । |
| ଚିନାବାଦାମ | ବୁଣିବା ପୂର୍ବ ଅବସ୍ଥା | • ବିହନ ବୁଣିବା ପୂର୍ବରୁ ବିହନକୁ ଭଲ ଭାବେ ଖରାରେ ଶୁଖାଇ, ଏକ କିଲୋଗ୍ରାମ ବିହରେ ୨ଗ୍ରାମ-Carbendazim ନାମକ ଫିମ୍ପିନାଶକ କିମ୍ବା ୩-ଗ୍ରାମ Carboxin ଓ Thiram ର ମିଳିତ ଫିମ୍ପିନାଶକ ବିଶୋଧନ କରନ୍ତୁ । ଏହାର ସାତ ଦିନ ପରେ, ବୁଣିବା ଦିନ ୨୦ ଗ୍ରାମ ରାଇଜୋବିୟମ କଲଚର କୁ ଏକ କିଲୋଗ୍ରାମ ବିହନରେ ମିଶାଇ ଉପଚାର କରନ୍ତୁ । |
| ସୋରିଷ | ବୁଣିବା ପୂର୍ବ ଅବସ୍ଥା | • ମାଟିର ଆର୍ଦ୍ରତାକୁ ଦୃଷ୍ଟିରେ ରଖି, ଅଣଜଳସେଚିତ ଜମିରେ ୮୫ ଦିନିଆ ସୋରିଷ କିସମ ଯଥା ଅନୁରାଧା, ପାର୍ବତୀ, ସୁଶ୍ରୀ, ଉତ୍ତରା ଆଦି ବୁଣନ୍ତୁ ।<br>• ଜଳ ସେଚନ ସୁବିଧା ଥିବା ସ୍ଥାନରେ ୧୨୫ ଦିନିଆ କିସମ ଯଥା ପୁଷା ସୋରିଷ-୨୫, ୨୭ ଓ ଆର.ଜି.ଏନ-୨୩୬ ଇତ୍ୟାଦି ବୁଣନ୍ତୁ । |
| କୋବି ଜାତୀୟ ପନିପରିବା | ଅଙ୍ଗୀୟ ବୃଦ୍ଧି ଅବସ୍ଥା | • ଫୁଲକୋବି ଓ ବନ୍ଧାକୋବି ଚାରା ଲଗେଇବାର ୧୫-୨୦ଦିନ ମଧ୍ୟରେ କୋଡା ଖୁସା କରି ଘାସ ବାଛି ଦିଅନ୍ତୁ ଓ ଏକର ପ୍ରତି ୨୫ କିଲୋଗ୍ରାମ ୟୁରିଆ ସାର ପ୍ରୟୋଗ କରନ୍ତୁ । ଫୁଲ କୋବି ଓ ବନ୍ଧା କୋବି ଫସଲ ୩୦-୩୫ ଦିନର ହୋଇଗଲେ ଆଉଥରେ ଏକର ପ୍ରତି ୨୫ କିଲୋଗ୍ରାମ ୟୁରିଆ ସାରା ସହିତ ୨୫ କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସାର ପ୍ରୟୋଗ କରି ହୁଡା ଟେକି ଦିଅନ୍ତୁ ।<br>• ଚାରା ଲଗାଇବା ସମୟରେ ଯଦି ବୋରନ ଅଣୁସାର ପ୍ରୟୋଗ କରି ନାହାନ୍ତି ତେବେ ଚାରା ରୋପଣ ର ୨ ସପ୍ତାହ ପରେ ଏବଂ ଫୁଲ କଢ ଧରିବାର ଦୁଇ ସପ୍ତାହ ପୂର୍ବରୁ ପ୍ରତି ଲିଟର ପାଣିରେ ୨.୫ ଗ୍ରାମ Borax କିମ୍ବା ୧.୧୫ ଗ୍ରାମ Folibor କିମ୍ବା Solubor ମିଶାଇ ସିଞ୍ଚନ କରନ୍ତୁ । |
| ପିଆଜ | ବୁଣିବା ପୂର୍ବ ଅବସ୍ଥା | • ତଳି ପଟାଳିରେ ବିହନ ଲଗାଇବା ପୂର୍ବରୁ ଏକ କିଲୋଗ୍ରାମ ବିହନରେ ୨ଗ୍ରାମ-Carbendazim ନାମକ ଫିମ୍ପିନାଶକ କିମ୍ବା ୩ଗ୍ରାମ Carboxin ଓ Thiram ର ମିଳିତ ଫିମ୍ପିନାଶକ ବିହନରେ ଗୋଳାଇ ବିଶୋଧନ କରନ୍ତୁ । ପିଆଜ ତଳି ୮ସପ୍ତାହର ହୋଇଗଲେ ମୁଖ୍ୟ ଜମିରେ ଲଗାଯାଏ। |
| ବିନ | ବୁଣିବା ପୂର୍ବ ଅବସ୍ଥା | • ବିନ ଚାଷ ପାଇଁ ୨୦-୩୦ କିଗ୍ରା ବୁଦା ଜାତୀୟ ବିହନ ଓ ୧୦-୧୨ କିଗ୍ରା ଲତା ଜାତୀୟ ବିହନ ଆବଶ୍ୟକ । ମଞ୍ଜି ବୁଣିବାର ୭ ଦିନ ପୂର୍ବରୁ ପ୍ରତି କିଲୋଗ୍ରାମ ବିହନରେ ୨ ଗ୍ରାମ Carbendazim କିମ୍ବା ୨ ଗ୍ରାମ Carboxin ଏବଂ Thiram ର ମିଳିତ ଫିମ୍ପି ନାଶକ ଗୋଳାଇ ବିହନ ବିଶୋଧନ କରନ୍ତୁ । |
| ଆଳୁ | ଲଗାଇବା ପୂର୍ବ ଅବସ୍ଥା | • ଆଳୁ ଲଗାଇବା ଆଗରୁ ବିହନ ଆଳୁକୁ ବିଶୋଧନ କରନ୍ତୁ । ବିହନ ଆଳୁ ବିଶୋଧନ ପାଇଁ ପ୍ରଥମେ ୬୦୦-ଗ୍ରାମ Carbendazim ଓ Mancozeb ର ମିଶ୍ରିତ ଫିମ୍ପିନାଶକ ତାହାକୁ, ୧୦୦-ଲିଟର ପାଣିରେ ମିଶାଇ ଏକ ଦ୍ରବଣ ପ୍ରସ୍ତୁତ କରନ୍ତୁ। ବିହନ ଆଳୁଖଣ୍ଡକୁ ଏହି ଦ୍ରବଣ ରେ ୨୦ ରୁ ୨୫ ମିନିଟ ବୁଡାଇ ରଖନ୍ତୁ। ଏହା ପରେ ବିହନ ଆଳୁକୁ କାଢି ଭଲ ଭାବରେ ପାଣି ନିଗିଡି ଗଲାପରେ ଛାଇରେ ୨ ରୁ ୪ ଘଣ୍ଟା ଶୁଖାଇ ମୁଖ୍ୟ ଜମିରେ ଲଗାନ୍ତୁ। |
| ଟମାଟୋ | ଅଙ୍ଗୀୟ ବୃଦ୍ଧି ଅବସ୍ଥା | • ଟମାଟୋ ଫସଲ ଲଗାଇବାର ୨୦-୨୫ ଦିନ ବେଳକୁ ମାଟିକୁ ଭଲ ଭାବରେ କୋଡା ଖୁସା କରି ଘାସ ବାଛି ଦିଅନ୍ତୁ ଏବଂ ଏକର ପ୍ରତି ୩୦-କିଲୋଗ୍ରାମ ୟୁରିଆ ଏବଂ ୨୦ କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସାର ପ୍ରୟୋଗ କରି ହୁଡା ଟେକି ଦିଅନ୍ତୁ ।<br>• ଟମାଟୋ ଫସଲରେ ଆଉଥରେ ୪୦ ରୁ ୪୫ ଦିନ ବେଳକୁ କୋଡା ଖୁସା କରି ଏବଂ ଘାସ ବାଛି ଏକର ପ୍ରତି ୩୦ କିଲୋଗ୍ରାମ ୟୁରିଆ ସାର ପ୍ରୟୋଗ କରି ହୁଡା ଟେକି ଦିଅନ୍ତୁ । ଟମାଟୋ ଚାରା ରୋପଣ କରିବାର ୪୫ ଦିନ ପରେ ପ୍ରତି ଲିଟର ପାଣିରେ ୩-ଗ୍ରାମ ମିଶ୍ରିତ ଅଣୁସାର ମିଶାଇ ୨-୩ ଥର ୧୦-୧୫ ଦିନ ଅନ୍ତର ରେ ସିଂଚନ କରନ୍ତୁ । |
| ମତ୍ସ୍ୟ ସମ୍ପଦ | • ଶୀତ ଋତୁରେ ମାଛ ମାନଙ୍କ ଦେହରେ କବକ, ବୀଜାଣୁ ଓ ପରଜୀବୀ ଜନିତ ରୋଗ ଦେଖା ଯାଇଥାଏ । ଏହି ରୋଗମାନଙ୍କର ନିରାକରଣ ପାଇଁ ଶୀତ ଋତୁ ଆରମ୍ଭ ହେବା ପୂର୍ବରୁ ଏକ ଏକର ପୋଖରୀ ପ୍ରତି CIFAX @ ୪୦୦ ମିଲି କିମ୍ବା ପୋଟାସିୟମ ପରମାଙ୍ଗାନେଟ @ ୧ ରୁ ୨ କେଜି କିମ୍ବା ଚୂନ @ ୫୦ ରୁ ୧୦୦ କେଜି ମିଶାଇ ବିଶୋଧନ କରନ୍ତୁ । ଶୀତ ଋତୁରେ ମାଛ ମାନଙ୍କୁ ରୋଗ ନହେବା ପାଇଁ ଏକ ଏକର ପୋଖରୀ ପ୍ରତି ୧୦୦ କେଜି ଲୁଣ ପ୍ରୟୋଗ କରନ୍ତୁ । | |
| ପଶୁ ସମ୍ପଦ | • ଶୀତ ଋତୁରେ ଗାଇଗୋରୁ ମାନଙ୍କୁ ପ୍ରତିଦିନ ଖଣିଜ ପଦାର୍ଥ ସହ ଲୁଣ, ଚୋକଡ ଓ ଗୁଡ @ ୧୦ ରୁ ୨୦ ପ୍ରତିଶତ ଦିଅନ୍ତୁ । | |

ସହଯୋଗୀ ଗବେଷଣା ନିର୍ଦ୍ଦେଶକଙ୍କ ଦ୍ୱାରା ସ୍ୱୀକୃତ

ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ଚାରା,QPM,ଟିସୁ କଲଚର ଗଛ,ଫଳ ଓ ପନିପରିବା,ଯାଆଁଳ,କୁକୁଡା ଛିଆଁ,ଛତୁ,ଛତୁ ମଞ୍ଜି,ଜୈବିକ ସାର,ଜୈବିକ କୀଟନାଶକ,ଜିଆ ଖତ,କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।

(Android: https://play.google.com/store/apps/details?id=com.aas.meghdoot)

(iOS: https://apps.apple.com/in/app/meghdoot/id1474048155)